# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 12 October – 2025

*************************************

## ମୁଖ୍ୟ ସମ୍ବାଦ

- ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବସୃଜନ ବୃଦ୍ଧି ଲକ୍ଷ୍ୟରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ବିକଶିତ ଭାରତ ବିଲ୍ଡାଥନ-୨୦୨୫

— ବିଲ୍ଡାଥନ ସୃଜନଶୀଳତା ଓ ଆତ୍ମବଳର ଦେଶବ୍ୟାପୀ ଉତ୍ସବ; କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

- ସମାଜରୁ କୁସଂସ୍କାର ଦୂରୀକରଣ ଓ ମହିଳା ସଶକ୍ତୀକରଣ ଦିଗରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ନୂତନ ଜାଗରଣ ସୃଷ୍ଟି କରିଥିଲେ କହିଲେ ମୁଖ୍ୟମନ୍ତ୍ରୀ

- ଅନାଲୋଚିତ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରବର୍ଗଙ୍କୁ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରିବେ ରାଜ୍ୟ ସରକାର

ଏବଂ

- ଦେଶରୁ ପୋଲିଓର ସମ୍ପୂର୍ଣ୍ଣ ନିରାକରଣ ପାଇଁ ରାଜ୍ୟର ୧୭ଟି ଜିଲ୍ଲାରେ ଆରମ୍ଭ ହେଲା ପୋଲିଓ ବୁନ୍ଦା ପ୍ରଦାନ ଅଭିଯାନ

## ବିକଶିତ ଭାରତ ବିଲ୍ଡାଥନ–୨୦୨୫

ଦେଶରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବସୃଜନ ବୃଦ୍ଧି ଲକ୍ଷ୍ୟରେ 'ବିକଶିତ ଭାରତ ବିଲ୍ଡାଥନ–୨୦୨୫' ଆସନ୍ତାକାଲିଠାରୁ ସମସ୍ତ ବିଦ୍ୟାଳୟଗୁଡ଼ିକରେ ଆରମ୍ଭ ହେବ।  ଏ ସମ୍ପର୍କରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ବିଲ୍ଡାଥନ କେବଳ ଏକ ପ୍ରତିଯୋଗିତା ନୁହେଁ; ବରଂ ଏକ ଆନ୍ଦୋଳନରେ ପରିଣତ ହୋଇଛି। ଏହା ସୃଜନଶୀଳତା ଏବଂ ଆତ୍ମବଳର ଏକ ଦେଶବ୍ୟାପୀ ଉତ୍ସବ। ବିଲ୍ଡାଥନ ମାଧ୍ୟମରେ ଜାତୀୟ ଶିକ୍ଷାନୀତିର ଭାବନାକୁ ସୁଦୃଢ଼ କରିବା ସହ ବିକଶିତ ଭାରତ ଗଠନରେ ଏହା ସହାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ବିଭାଗ ଦ୍ୱାରା ଅଟଳ ଇନୋଭେସନ୍ ମିଶନ, ନୀତି ଆୟୋଗ ଏବଂ ଏ.ଆଇ.ସି.ଟି.ଇ. ସହଯୋଗରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। 'ଭୋକାଲ ଫର୍ ଲୋକାଲ', ଆତ୍ମନିର୍ଭର ଭାରତ, ସ୍ୱଦେଶୀ ଏବଂ ସମୃଦ୍ଧ ଭାରତ ପରି ଚାରୋଟି ବିଷୟବସ୍ତୁ ଉପରେ କାର୍ଯ୍ୟକ୍ରମଟି ପର୍ଯ୍ୟବେସିତ। 'ବିଲ୍ଡାଥନ' କାର୍ଯ୍ୟକ୍ରମ ଦେଶରେ ନୂତନ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ସହ ଯୁବପିଢ଼ିଙ୍କୁ ଏକ ଉନ୍ନତ, ବିକଶିତ ଏବଂ ଆତ୍ମନିର୍ଭର ଭାରତ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ ପାଇଁ ପ୍ରସ୍ତୁତ କରିବ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀଠାରେ ଗତ ସେପ୍ଟେମ୍ବର ୨୩ ତାରିଖରେ 'ବିଲ୍ଡାଥନ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

## ମୁଖ୍ୟମନ୍ତ୍ରୀ

ଶିକ୍ଷା, କୁସଂସ୍କାର ଦୂରୀକରଣ, ମହିଳା ସଶକ୍ତୀକରଣ ଓ ବୈଦିକ ଶିକ୍ଷାର ପୁନରୁଦ୍ଧାର ଜରିଆରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଦେଶରେ ନୂତନ ଜାଗରଣ ସୃଷ୍ଟି କରିଥିଲେ ବୋଲି  ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରର ରେଳ ପ୍ରେକ୍ଷାଳୟଠାରେ ଆୟୋଜିତ ଆର୍ଯ୍ୟ ମହାସମ୍ମେଳନ-୨୦୨୫ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ଭାରତର ଜାଗରଣରେ ଆର୍ଯ୍ୟସମାଜର ଅବଦାନ ଅତୁଳନୀୟ। ଆର୍ଯ୍ୟସମାଜ କେବଳ ଏକ ଧାର୍ମିକ ସଂସ୍କାର ଆନ୍ଦୋଳନ ନୁହେଁ। ଏହା ଏକ ନୈତିକ, ଶିକ୍ଷାଗତ ଓ ସାମାଜିକ ବିପ୍ଳବ। ସ୍ୱାମୀ ଦୟାନନ୍ଦଙ୍କ ଦିଗ୍‌ଦର୍ଶନରେ ବାଲ୍ୟବିବାହକୁ ରୋକିବା, ମହିଳା ଶିକ୍ଷାର ଗୁରୁତ୍ୱ, ବିଧବା ବିବାହ ପ୍ରଥା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ମହର୍ଷି ଦୟାନନ୍ଦଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜକୁ ଜାଗ୍ରତ କରିବା ପାଇଁ ଶ୍ରୀ ମାଝୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ସ୍ମରଣିକାର ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ଅଧ୍ୟକ୍ଷଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ବାଚସ୍ପତି

ଜଳବାୟୁ ପରିବର୍ତ୍ତନ ଓ ଏହାର ଦୀର୍ଘସ୍ଥାୟୀ କୁପ୍ରଭାବ ଆଜି ସମଗ୍ର ବିଶ୍ୱପାଇଁ ଆହ୍ୱାନ ଓ ଚିନ୍ତାର କାରଣ ସାଜିଛି ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ଓ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀରେ ଯୋଗଦେବା ପାଇଁ ବାରବାଡୋଜ୍ ଗସ୍ତରେ ଥିବା ବାଚସ୍ପତି ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ସମ୍ପର୍କରେ ଉଦ୍‌ବୋଧନ ଦେଇଛନ୍ତି। ଏହି ଅବସରରେ ବାଚସ୍ପତି କହିଛନ୍ତି, ପ୍ରାକୃତି ବିପର୍ଯ୍ୟୟରୁ

ବର୍ତ୍ତିବା ପାଇଁ ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି । ଶୁଦ୍ଧ ବାୟୁ ସୂଚକାଙ୍କରେ ଭୁବନେଶ୍ୱର ଦେଶର ଚତୁର୍ଥ ସ୍ଥାନ ହାସଲ କରିଛି । ଚିଲିକା ହ୍ରଦର ସୁରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଶିମିଳିପାଳର ଜୈବ ବିବିଧତାର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦିଆଯାଉଛି ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି ।

## ନିତ୍ୟାନନ୍ଦ ଗଣ୍ଡ

ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଅନାଲୋଚିତ ହୋଇ ରହିଯାଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ପ୍ରତି ରାଜ୍ୟ ସରକାର ସଚେତନ ଅଛନ୍ତି ଏବଂ ସେମାନଙ୍କୁ  ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଗସ୍ତ ଅବସରରେ ଆଜି ବାଟିବେଡା ଗ୍ରାମଠାରେ ପୂର୍ବତନ ମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ରବି ସିଂ ମାଝୀଙ୍କ ୧୦୩ତମ ଜୟନ୍ତୀ ପାଳନ ଅବସରରେ ଶ୍ରୀ ଗଣ୍ଡ ଏହା କହିଛନ୍ତି । କାର୍ଯ୍ୟକ୍ରମରେ ବିଧାୟକ ନରସିଂହ ମାଝୀଙ୍କ ସମେତ ବିଭିନ୍ନ ବୁଦ୍ଧିଜୀବୀ ଯୋଗଦେଇଥିଲେ ।

## ବିଜେପି କୋର କମିଟି ବୈଠକ

ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ଆଜି ଭାରତୀୟ ଜନତା ପାର୍ଟିର କୋର କମିଟି ବୈଠକ ଅନୁଷ୍ଠିତ ହୋଇଛି । ଦଳର ବରିଷ୍ଠ ନେତା ବସନ୍ତ ପଣ୍ଡା କହିଛନ୍ତି, ବୈଠକରେ ନୂଆପଡା ଉପନିର୍ବାଚନ ନେଇ ଆଲୋଚନା ହୋଇଥିଲା । ଉପନିର୍ବାଚନ ପାଇଁ ଖୁବ୍ ଶୀଘ୍ର ପ୍ରାର୍ଥୀ ଘୋଷଣା କରାଯିବ ।

ସଂସଦୀୟ ବୋର୍ଡରେ ପ୍ରାର୍ଥୀଙ୍କ ନାମ ନେଇ ନିଷ୍ପତ୍ତି ହେବ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

## ପଲ୍‌ସ୍ ପୋଲିଓ

କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସହଯୋଗରେ ଆଜି ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, କଟକ, ଗଜପତି, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କେନ୍ଦୁଝର, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲା ସମେତ ସମସ୍ତ ମହାନଗର ନିଗମ ଅଂଚଳରେ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି । ଜନ୍ମରୁ ୫ ବର୍ଷ ବୟସର ପିଲାମାନଙ୍କୁ ୨ ବୁନ୍ଦା ପୋଲିଓ ଦିଆଯାଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ ପଲସ୍ ପୋଲିଓ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।

**ମାଲକାନଗିରି** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଜିଲ୍ଲାପାଳ ସୌମେଶ କୁମାର ଉପାଧ୍ୟାୟ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ୫୪ଟି ମୋବାଇଲ ଦଳ ଓ ୫୮ଟି ଟ୍ରାନ୍‌ଜିଟ୍ ଦଳ ସହିତ ମୋଟ ୭୫୨ ଟିକାକରଣ ବୁଥ୍ ମାଧ୍ୟମରେ ପିଲାମାନଙ୍କୁ ଟିକାକରଣ କରାଯାଉଛି । ୧୩ ଏବଂ ୧୪ ତାରିଖ ଦୁଇଦିନ ଘରଘର ବୁଲି ପିଲାଙ୍କୁ ପୋଲିଓ ଦିଆଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଜିଲ୍ଲାପାଳ କହିଥିଲେ ।

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରସୂତିକାଳୀନ ଏବଂ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହଠାରେ

ଜିଲ୍ଲାସ୍ତରୀୟ ପଲସ୍ ପୋଲିଓ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଯୋଗଦେଇ ଦୁଇ ବୁନ୍ଦା ପୋଲିଓର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ସଚେତନ କରାଇଥିଲେ। ଆଗାମୀ ଦୁଇଦିନ ଧରି ଘରକୁ ଘର ବୁଲି ପୋଲିଓ ଟିକା ନେବାକୁ ବଂଚିତ ଶିଶୁମାନଙ୍କୁ ଅଙ୍ଗନୱାଡି ଓ ଆଶାକର୍ମୀଙ୍କ ସହଯୋଗରେ ପୋଲିଓ ବୁନ୍ଦା ପ୍ରଦାନ କରାଯିବ ବୋଲି କାର୍ଯ୍ୟକ୍ରମର ସଂଯୋଜକ କହିଛନ୍ତି।

## ପୋଲିଓ-ଜିଲ୍ଲା-୨

**ସମ୍ବଲପୁର** ଜିଲ୍ଲାରେ ପଲସ୍ ପୋଲିଓ କାର୍ଯ୍ୟକ୍ରମ ଡାକ୍ତର ସୁଧାଂଶୁ ଶେଖର ପଣ୍ଡାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଜିଲ୍ଲାରେ ମୋଟ୍ ୮୮୨ଟି ପଲସ୍ ପୋଲିଓ ବୁଥ୍‌ରେ ଶିଶୁମାନଙ୍କୁ ଟିକାକରଣ କରାଯାଉଛି। ଏହି ଅଭିଯାନରେ ଜିଲ୍ଲାର ୧୯୭୯ ଜଣ କର୍ମଚାରୀ ନିୟୋଜିତ ଅଛନ୍ତି।

ଏ ସମ୍ପର୍କରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି....

**- V/O –**

## ଛାତ୍ରବୃତ୍ତି

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ମେଧାବୀ ପ୍ରୋତ୍ସାହନ ଯୋଜନା ମାଧ୍ୟମରେ ବୃତ୍ତି ରାଶି ପାଇବା ପାଇଁ ଆବେଦନ ଗ୍ରହଣ କରାଯାଉଛି। ଇ-ମେଧାବୃତ୍ତି ଯୋଜନାରେ ସ୍ନାତକ,

ସ୍ନାତକୋତ୍ତର, ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମ ପାଇଁ ଗରିବ ଓ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ୧୦ ହଜାର, ୧୫ ହଜାର ଏବଂ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଉଛି। ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନାରେ ବିଭିନ୍ନ ପଛୁଆବର୍ଗର ଛାତ୍ରଛାତ୍ରୀମାନଙ୍କୁ ବାର୍ଷିକ ୨୦ ହଜାର ଟଙ୍କାର ବୃତ୍ତି ପ୍ରଦାନ କରାଯାଉଛି। ଯେଉଁ ଛାତ୍ରଛାତ୍ରୀମାନଙ୍କ ପରିବାରର ବାର୍ଷିକ ଆୟ ୨ ଲକ୍ଷ ୫୦ ହଜାରରୁ କମ୍ ଥିବ ସେମାନେ ଏହି ବୃତ୍ତି ପାଇଁ ଆବେଦନ କରିପାରିବେ। ସେହିଭଳି ବ୍ୟାସକବି ଫକୀରମୋହନ ଭାଷା ବୃତ୍ତି ଯୋଜନା ଅଧୀନରେ ଓଡ଼ିଆରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ଯୋଗ୍ୟତା ଅର୍ଜନ କରିଥିବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଏକାକାଳୀନ ୩୦ ହଜାର ଟଙ୍କା ପ୍ରଦାନ କରାଯିବ। ସ୍ନାତକ ପାଠ୍ୟକ୍ରମରେ ଓଡ଼ିଆକୁ ମୁଖ୍ୟ ବିଷୟ ଭାବେ ଯୋଗ୍ୟତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଏକକାଳୀନ ୨୦ ହଜାର ଟଙ୍କା ପ୍ରଦାନ କରାଯିବ। ସବିଶେଷ ତଥ୍ୟ ଉଚ୍ଚଶିକ୍ଷା ବିଭାଗର ୱେବ୍‌ସାଇଟ **www.scholarship.odisha.gov.in** ରେ ଉପଲବ୍ଧ।

## ବିଶ୍ୱ ଗଣ୍ଠିବାତ ଦିବସ

ଗଣ୍ଠିବାତ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ୱାର୍ଲଡ ଆଥ୍ରାଇଟ୍‌ସ ଡେ ବା ବିଶ୍ୱ ଗଣ୍ଠିବାତ ଦିବସ ପାଳନ କରାଯାଉଛି। ପ୍ରତି ବର୍ଷ ଅକ୍ଟୋବର ମାସ ୧୨ ତାରିଖରେ ଏହି ଦିବସ ପାଳନ କରାଯାଏ। ଚଳିତ ବର୍ଷର ବାର୍ତ୍ତା ରହିଛି 'ଗଣ୍ଠିବାତରେ ପୀଡିତ ବ୍ୟକ୍ତିମାନଙ୍କ ପାଇଁ

ସହନଶୀଳତା ଏବଂ ସଶକ୍ତୀକରଣ'। ୧୯୯୬ ମସିହାରେ ପ୍ରଥମଥର ପାଇଁ ବିଶ୍ୱ ଗଣ୍ଠିବାତ ଦିବସ ପାଳନ କରାଯାଇଥିଲା। ବର୍ତ୍ତମାନ ସମୟରେ ଆଣ୍ଠୁଗଣ୍ଠିବାତ ସମସ୍ୟା ବିଶ୍ୱର ପ୍ରମୁଖ ସମସ୍ୟାଭାବେ ଉଭା ହୋଇଛି।

## ଆଲୋଚନାଚକ୍ର

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ମହେନ୍ଦ୍ରଗିରି ସରକାରୀ ଉଚ୍ଚବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ, ଶିକ୍ଷା,ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। କ୍ୱାଣ୍ଟମ୍ ଯୁଗ ଆରମ୍ଭ: ସମ୍ଭାବନା ଓ ଆହ୍ୱାନ ବିଷୟବସ୍ତୁ ସମ୍ପର୍କରେ କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା। ଆଲୋଚନାଚକ୍ରରେ ଜିଲ୍ଲାର ୭ଟି ବ୍ଲକ୍‌ରୁ ୧୯ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀମାନେ ଆସନ୍ତା ବୁଧବାର ଦିନ ଭୁବନେଶ୍ୱରଠାରେ ହେବାକୁଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## ହରଗୌରୀ ପୂଜା

**ସୁବର୍ଣ୍ଣପୁର** ଜିଲ୍ଲାର ଢ଼େରାପଡାଠାରେ ଦେବାଙ୍ଗ ସମ୍ପ୍ରଦାୟର ହରଗୌରୀ ଯାତ୍ରା ଆରମ୍ଭ ହୋଇଯାଇଛି। ପ୍ରତି ଗୋଟିଏ ବର୍ଷ ଅନ୍ତରରେ ହୋଇଆସୁଥିବା ଏହି ଯାତ୍ରା ୯ ଦିନ ଧରି ପାଳନ କରାଯାଇଥାଏ। ଯାତ୍ରା ସମୟରେ ହର ଓ ଗୌରୀ ଆବାହନ, କଳସୀ ସ୍ଥାପନ ସହ ପାରମ୍ପରିକ ରୀତିନୀତରେ ପୂଜା

ହୋଇଥାଏ। ଏ ନେଇ ପଡାଙ୍ଗ ଦେବାଙ୍ଗ କଳାମଂଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

## ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

**ନୟାଗଡ଼** ଜିଲ୍ଲା ଓଡ଼ଗାଁ ରଘୁନାଥ ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ଓଡଗାଁ ମିନି ଷ୍ଟାଡିୟମ୍‌ଠାରେ ୧୯ ବର୍ଷରୁ କମ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଦିନରେ ୪ଟି ଦଳ ସେମି ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଓଡଗାଁ/ନୟାଗଡ଼ ଏବଂ ରାଜପାଟଣା/ନାଗମୁଣ୍ଡୁଳି ମଧ୍ୟରେ ଅନୁଷ୍ଠିତ ହେବ।

## ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

**ମାଲକାନଗିରି** ଡିଏମ୍‌କେ ଖେଳ ପଡିଆଠାରେ ରାଜେନ୍ଦ୍ର ହିଆଲ ସ୍ମାରକୀ ଆନ୍ତଃ ରାଜ୍ୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଆଜି ଜୟପୁର ଜେ.ଆର.ସି. ଦଳ ମାଲକାନଗିରି ପୁଲିସ୍ ଦଳକୁ ୫-୩ ଗୋଲ୍‌ରେ ପରାସ୍ତ କରି ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୨ଟି ଦଳ ଅଂଶଗ୍ରହଣ କରିଛନ୍ତି।

## ପାଣିପାଗ

ରାଜ୍ୟରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୩ ରୁ ୪ ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

ଅପରପକ୍ଷରେ, ଦକ୍ଷିଣ ବାଂଲାଦେଶ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଉତ୍ତର ବଙ୍ଗୋପସାଗର ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, ନୟାଗଡ଼, ରାୟଗଡ଼ା, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ବଜ୍ରପାତ ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।